# ତହସିଲ କାର୍ଯ୍ୟାଳୟ, ଅଠାବିରା

ବିଜ୍ଞାପନ ସଂ 4527 ତା 26/10/18

**ଲଘୁଖଣିଜ ଉତ୍ସର ଲିଜ୍ ସକାସେ ଇସ୍ତାହାର**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି, ଯେ ଅଠାବିରା ତହସିଲ ଅନ୍ତର୍ଗତ ଲଘୁଖଣିଜ ଉତ୍ସ ଗୁଡିକ ୨୦୧୮-୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଆସନ୍ତା ୫ ( ପାଞ୍ଚ ) ବର୍ଷ ନିମନ୍ତେ ପ୍ରଥମ ଥର ପାଇଁ ଆହ୍ୱାନ କରାଯାଇଥିଲା କିନ୍ତୁ ସେଗୁଡିକ ନିଲାମ ହେଇ ନ ପାରି ଦ୍ୱିତୀୟ ଥରପାଇଁ ଆସନ୍ତା ୧୫.୧୧.୨୦୧୮ ସନ୍ଧ୍ୟା ୫ ଟା ସୁଦ୍ଧା **M** ଫର୍ମ ପୁରଣ କରି ଏହାର ତିନି କପି ନିମ୍ନ ଲିଖିତ ଦଲିଲରେ ସଂଲଗ୍ନ କରି ଜଉମୁଦ ଦିଆ ଲଫାଫା ତହସିଲ କାର୍ଯ୍ୟାଳୟ ଡ୍ରପ ବାକ୍ସରେ **(Sealed cover)** ଆବେଦନ କରିପାରିବେ ଓ ତାହା ୧୬.୧୧.୨୦୧୮ ରେ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ନିଲାମଧାରୀ କିମ୍ବା ତାଙ୍କ ଅନୁମତି ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ଯେଉଁ ଉତ୍ସ ଗୁଡିକ ନିଲାମ ହୋଇ ପାରିବ ନାହିଁ ତାହା ତୃତୀୟ ଥର ପାଇଁ ତା ୨୩.୧୧.୨୦୧୮ ରିଖ ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ନିମ୍ନଲିଖିତ ସର୍ତ୍ତ ଅନୁଯାଇ ଦାଖଲ କରି ପାରିବେ ଓ ତାହା ୧.୧୨.୨୦୧୮ ଦିନ ୧୦ ଘଟିକା ସମୟରେ ନିଲାମଧାରୀ କିମ୍ବା ତାଙ୍କ ଅନୁମତି ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ ଧାର୍ଯ୍ୟ ତାରିଖ ପରେ କୌଣସି ଦରଖାସ୍ତ ଗ୍ରହଣ ନ କରି ସିଧା ସଳଖ ଖାରଜ କରାଯିବ ।

୧. ଦାରଖାସ୍ତ ଫି ବାବଦକୁ ଟ ୧୦୦୦.୦୦ ଙ୍କା ( ଏକ ହଜାର ଟଙ୍କା ) ର ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ କରାଯିବ ନାହିଁ **( Head of Account-"0853-Non-Ferrous Mining and Metallurgical Industries -102-Mineral Concession fees,Rent and Royalties")**

୨. ଆବେଦନ କରିଥିବା ଲିଜ ଜମିର ତଫସିଲ ଓ ନକ୍ସା ।

୩. କୌଣସି ମାଇନିଙ୍ଗ୍ ବାବଦକୁ ବକେୟା ଦେୟ୍ ନଥିବା ନେଇ ଏକ ସତ୍ୟପାଠ ।

୪. ଆବେଦନକାରୀ ତାଙ୍କର ସ୍ଥାବର ସଂପତ୍ତିର ତାଲିକା ସଂପୃକ୍ତ ରାଜସ୍ୱ ଅଧିକାରୀଙ୍କ ଠାରୁ ଆଣି ଦାରଖାସ୍ତ ସହ ସଂଲଗ୍ନ କରିବେ ।

୫. ଦରଖାସ୍ତକାରୀ ରୟାଲଟି ଯୋଗ ଅତିରିକ୍ତ ଦେୟ୍ **(Additional Charge )** ଗୁଣନ ସୈରାତର ସର୍ବନିମ୍ନ ପ୍ରତିଭୂତ ପରିମାଣ ଯାହା ହେବ ତାହାଠାରୁ ଅଧିକ ମୂଲ୍ୟର **Solvency Certificate** ଦାଖଲ କରିବେ । ବି. ଦ୍ର **Solvency Certificate** ର ମୂଲ୍ୟ ( ରୟାଲଟି ଦର ପ୍ରତି + ଅତିରିକ୍ତ ଦେୟ୍) % ସର୍ବନିମ୍ନ ପ୍ରତିଭୂତ ପରିମାଣ ।

୬. ବୈଷୟିକ ଦକ୍ଷତା ତଥା ଉପଲବ୍ଧ ଥିବା ଯନପାତି ସଂପର୍କୀତ ତଥ୍ୟ ।

୭. **I.T. Clearance Certificate** କିମ୍ବା ଗତ **Assesment Year** ର **I.T Return** ର ନକଲ ପ୍ରଦାନ କରିବେ ।

୮. ନିର୍ଦ୍ଧାରିତ ଅଉଛନତ ରାଶି ମୂଲ୍ୟର ଡିମାଣ୍ଡ ଡ୍ରାଫ **(Demand Draft)**

୯. ଗତ ବର୍ଷର **VAT Clearance Certificate.**

୧୦ ଦରଖାସ୍ତକାରୀ ଲଫାଫା ଉପରେ ସ୍ପଷ୍ଟ ଆକାରରେ ସୈରାତ ଉତ୍ସର ନାମ ଉଲ୍ଲେଖ କରିବା

୧୧ ନିଲାମ ତାରିଖ ଦିନ ଦରଖାସ୍ତକାରୀ ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବ ନାହିଁ

# ସର୍ତ୍ତାବଳୀ

୧. ଆବେଦନକାରୀ ମାନେ ଲଘୁ ଖଣିଜ ରିହାତି ନିୟମ , ୨୦୦୪ (O.M.M.C Rules , 2004 ) ଓ ଲଘୁ ଖଣିଜ ରିହାତୀ ( ସଂଶୋଧନ ନିୟମ,୨୦୧୬) ପରିସରଭୁକ୍ତ ହେବେ ।

୨. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀଙ୍କୁ ଲିଜ ପାଇଁ ଯୋଗ୍ୟ ବିବେଚନା କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କ ସର୍ବାଧିକ ଅତିରିକ୍ତ ଦେୟର ପରିମାଣ ସମାନ ହୁଏ , ସେହି କ୍ଷେତ୍ରରେ ଲଟେରି ଉଠାଣ ମାଧ୍ୟମରେ ଲିଜଧାରୀଙ୍କୁ ଚୟନ କରାଯିବ ।

୩. ତହସିଲଦାର, ଅତାବିରାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଅମାନତ ରାଶିକୁ ନିଲାମରେ ଚୟନ ହୋଇଥିବା ଲିଜଧାରୀ Demand Draft କିମ୍ବା ନଗଦ ଆକାରରେ Form- M ସହିତ ଜମା କରିବେ ।

୪. ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ ପାଇଁ ଦର୍ଶାଇଥିବା ଆବେଦନକାରୀ ଯଦି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଅମାନତରାଶି ଦାଖଲ କରିବାରେ ଖିଲାପି କରନ୍ତି, ତେବେ ଦ୍ୱିତୀୟ ଓ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।

୫. ସରକାରୀ ଭାବେ ଧାର୍ଯ୍ୟ ଅତିରିକ୍ତ ଦେୟ ହାରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଆବେଦନକାରୀଙ୍କ ଦରଖାସ୍ତ ସିଧାସଳଖ ଖାରଜ କରାଯିବ ।

୬. ଜିଲ୍ଲାପାଳ, ବରଗଡ ନିମ୍ନଲିଖିତ ଯେ କୌଣସି ବା ସମସ୍ତ କାରଣ ଦର୍ଶାଇ ନିଲାମକୁ ରଦ୍ଦ କରିପାରିବେ ।

(କ) ସଠିକ୍ ଓ ବିସ୍ତାରିତ ଭାବେ ନିଲାମ ସମ୍ବନ୍ଧୀୟ ପ୍ରଚାର ଓ ପ୍ରସାର ହୋଇ ନ ଥିଲେ ।

(ଖ) ବହୁଳ ଭାବରେ ଆବେଦନକାରୀ ନିଲାମରେ ଭାଗ ନ ନେଲେ ।

(ଗ) ଆବେଦନକାରୀଙ୍କ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ହାର ଅନୁମତିପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ହାରଠାରୁ କମ୍ ହୋଇଥିଲେ ।

୭. ଲିଜ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଉତ୍ସ ଗୁଡ଼ିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଚ୍ଛିତ ଥିବା ଖଣିଜ ଦ୍ରବ୍ୟ ର ପରିମାଣ ତଥା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ବନ୍ଧରେ ପର୍ଯ୍ୟବେକ୍ଷଣ କରି ଲିଜ ନିଲାମରେ ଅଂଶ ଗ୍ରହଣ କରିବେ । ଏ ସମ୍ବନ୍ଧୀୟ କୌଣସି ଅଭିଯୋଗ ପରବର୍ତ୍ତୀ ସମୟରେ ଗ୍ରହଣଯୋଗ୍ୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

୮. ଲିଜ୍ ଅବଧି ମଧ୍ୟରେ କୌଣସି ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ ।

୯. ସର୍ବୋଚ୍ଚ ନିଲାମଧାରୀ ନିଜ ଖର୍ଚ୍ଚରେ ଓ ଦାୟିତ୍ୱରେ ମାଇନିଙ୍ଗ ପ୍ଲାନ୍(Mining Plan) ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା R.Q.P ଙ୍କ ଠାରୁ ପ୍ରସ୍ତୁତ କରି ଓ ପରିବେଶ ସମ୍ବନ୍ଧୀୟ ଅନୁମତି (Environment Clearance) ଯଥା ସମୟରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରେ ଦାଖଲ କରିବେ , ନଚେତ ଲିଜ ବାତିଲ କରାଯିବ ।

୧୦. Mining Plan & Environment Clearance ପାଇଲା ପରେ ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ପଇଠ କଲା ପରେ Registration Act ,1908 Stamp Act , 1899 ଅନୁଯାୟୀ ଲିଜ୍‌ଧାରୀ ଲିଜ୍ ଚୁକ୍ତିନାମା (Lease Deed) ସଂପାଦନ କରିବେ ।

୧୧. ଲିଜ ବାବଦକୁ ରୟାଲଟି ଦେୟର ଶତକଡା ୫ ଭାଗ ପରିମାଣ ରାଶି ପରିବେଶ ପରିଚାଳନା ପାଣ୍ଠି E.M.F ( Environment Management Fund) ବାବଦକୁ ଓ ଶତକଡା ୧୦ ଭାଗ ରାଶି D.M.F ( District Mineral Fund) ବାବଦକୁ ଲିଜଧାରୀ ତହସିଲଦାରଙ୍କ ନିକଟରେ ଜମା କରିବେ ।

୧୨. ଆବଶ୍ୟକ ସ୍ଥଳେ ନିୟମାନୁଯାୟୀ ପଇଠ ହୋଇଥିବା ଅମାନତ ଜମାରାଶିକୁ ବ୍ୟାଜ୍ୟାପ୍ତ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି .

୧୩. ଲିଜଧାରୀ ଲିଜ୍ ପ୍ରାପ୍ତ ସୈରତ ଉତ୍ସର ସୀମା ଚିହ୍ନଟ କରି ନିଜ ଖର୍ଚ୍ଚରେ ଦେବେ ସମ୍ମୁଖରେ ଏକ ଫଳକ (**Display Board** ) ରେ ସୈରତ ଉତ୍ସ ନକ୍ସା,ନାମ,ଲିଜ ଅବଧି ତଥା ମାଇନିଙ୍ଗ ପ୍ଲାନ ଅନୁସାରେ ଗଚ୍ଛିତ ଥିବେ ଲଘୁ ଖଣିଜର ସମଗ୍ର ପରିମାଣ ଉଲ୍ଲେଖ କରିବେ ।

୧୪. ଉପରୋକ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ ଲଘୁ ଖଣିଜ ଉତ୍ତୋଳନ ପାଇଁ କାର୍ଯ୍ୟାଦେଶ ଦେବେ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରତ ଉତ୍ସରୁ ଦ୍ରବ୍ୟ ଉଠାଇ ପାରିବେ ନାହିଁ ।

୧୫. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଆବେଦନକାରୀ ତହସିଲଦାର , ଅତାବିରାଙ୍କ କାର୍ଯ୍ୟାଳୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦେଖି ପାରିବେ ।

୧୬. ଯଦି ଏହି ଇସ୍ତାହାରରେ କିଛି ତ୍ରୁଟି ପରିଲକ୍ଷିତ ହୁଏ, ତାକୁ ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ।

୧୭. ଜମା ରୟାଲଟି ରାଶିର ଶତକଡା ୨ ଭାଗ ପରିମିତ ରାଶିକୁ ଲିଜଧାରୀ ଆୟକର (**Income Tax**) ବାବଦକୁ ଚାଲାନ୍ ଆକାରରେ ଜମା କରିବେ ।

୧୮. ଲିଜଧାରୀ ରୟାଲଟି ସହିତ ନିର୍ଦ୍ଧାରିତ **Surface Rent Dead Rent** ମଧ୍ୟ ପଇଠ କରିବେ ।

୧୯. ଲିଜ ଅବଧି ମଧ୍ୟରେ ଯଦି **Schedule -I** ରେ ଉଲ୍ଲେଖିତ ଦରରେ ଅଭିବୃଦ୍ଧି ଘଟେ ଓ ତାହା ଲିଜଧାରୀ ଉଲ୍ଲେଖ କରିଥିବା ଦରଠାରୁ ବେଶି ହୋଇଥାଏ , ତେବେ ଲିଜଧାରୀ ବର୍ଦ୍ଧିତ ହାରରେ ସରକାରୀ ଦେୟ ପଇଠ କରିବେ ।

୨୦. **Compensatory Aforestation** ବାବଦକୁ ନିର୍ଦ୍ଧାରିତ ଦରରେ ଦେୟ ମଧ୍ୟ ପଇଠ କରିବେ ।

ତହସିଲଦାର ,ଅତାବିରା

ଜ୍ଞାପନ ସଂ 4428 ତା 26/10/18

ଏହାର ଏକକିତା ନକଲ ଜିଲ୍ଲାପାଳ,ବରଗଡ / ଉପଜିଲ୍ଲାପାଳ,ବରଗଡ ପଦ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ଏହାର ଏକକିତା ଲେଖାଏଁ ନକଲ ଜିଲ୍ଲାର ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଏବଂ ତହସିଲଦାର. ଅତାବିରା ବ୍ଲକର ସମସ୍ତ ସରପଞ୍ଚ . ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ବରଗଡ ନିର୍ବାହ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ . ନିର୍ବାହୀ ଯନ୍ତ୍ରୀ,ଗ୍ରାମିୟ ଜଳଯୋଗାଣ ଓ ପରିମଳ,ବରଗଡ.ଉପନିର୍ଦ୍ଦେଶକ ଖଣି ,ସମ୍ବଲପୁର.ବନ ମଣ୍ଡଳ ଅଧିକାରୀ,ବରଗଡଙ୍କ ନିକଟକୁ , ଏହିର ବହୁଳ ପ୍ରଚାର ନିମନ୍ତେ ତାଙ୍କର ବିଜ୍ଞାପନ ବୋର୍ଡରେ ପ୍ରଦର୍ଶିତ କରିବା ନିମନ୍ତେ ଅନୁରୋଧ ପୂର୍ବକ ପ୍ରେରଣ କରାଗଲା ।

ତହସିଲଦାର ,ଅତାବିରା

ଜ୍ଞାପନ ସଂ 4429 ତା 26/10/18

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ,ବରଗଡଙ୍କ ନିକଟକୁ , ଜିଲ୍ଲା ୱେବ ସାଇଟ **Bargarh.nic.in** ରେ ଉଲ୍ଲେଖ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର ,ଅତାବିରା

| କ୍ରମ ସଂ | ଲଘୁ ଖଣିଜ ଉତ୍ସର ନାମ | ମୌଜାର ନାମ | କି ପ୍ରକାର ଲଘୁ ଖଣିଜ | ଉତ୍ସ ଥିବା ଜମିର ବିବରଣୀ | | | | ସର୍ବ ନିମ୍ନ ପ୍ରତିଭୂତ ପରିମାଣ ( କ୍ୟୁବିକ ମିଟର ) | ଲଘୁ ଖଣିଜର ସରକାରୀ ଦର ( ପ୍ରତି କ୍ୟୁବିକ୍ ମିଟର ପାଇଁ ) | | ଅମାନତ ରାଶିର ପରିମାଣ ( Earnest Money) | ଦରକାର ପଡୁଥିବା **Solvency Certificate** ର ମୂଲ୍ୟ |
|---|---|---|---|---|---|---|---|---|---|---|---|---|
| | | | | ଖାତା ନଂ | ପ୍ଲଟ ନମ୍ବର | କିସମ | ରକବା | | ରୟାଲଟି | ଅତିରିକ୍ତ ଦେୟ | | |
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ସୋର୍ଣ୍ଣା ପଥର ଖଣି | ସୋର୍ଣ୍ଣା | ପଥର | ୭୪୯ | ୨୭୪୧ | | ୧୨.୦୦ | ୧୫୩୦.୦୦ | ୧୩୦.୦୦ | ୧୩.୦୦ | ୧୧୦୦୦.୦୦ | ୨୬୦୦୦୦.୦୦ |
| ୨ | ସୋର୍ଣ୍ଣା ବାଲି ଘାଟ | ସୋର୍ଣ୍ଣା | ବାଲି | ୭୪୯ | ୨୮୬୨<br>୨୮୬୨/୨୯୦୩ | | ୨୦.୫୮<br>୧.୦୦ | ୫୮୦୦.୦୦ | ୩୫.୦୦ | ୪.୦୦ | ୧୨୦୦୦.୦୦ | ୨୩୦୦୦୦.୦୦ |
| ୩ | ହଲଦି ଓ ଟୋପ ବାଲି ଘାଟ | ହଲଦି<br>ଟୋପ | ବାଲି | ୧୩୪<br>୯୩୪ | ୬୦୮<br>୨୬୩୮<br>୨୬୬୮<br>୨୬୬୮/୩୫୪୩ | | ୨.୧୨<br>୩.୨୮<br>୫.୦୦<br>୧୧.୬୨ | ୨୧୧୯.୮୦ | ୩୫.୦୦ | ୪.୦୦ | ୪୫୦୦.୦୦ | ୮୫୦୦୦.୦୦ |
| ୪ | ଚକୁଲି ଭୋଇପୁରା ବାଲିଘାଟ | ଚକୁଲି | ବାଲି | ୩୪୧ | ୯୧୦<br>୧୫.୨୨ | | ୧୬.୧୩<br>୫.୬୫ | ୨୦୦୦.୦୦ | ୩୫.୦୦ | ୪.୦୦ | ୯୪୦୦୦.୦୦ | ୮୦୦୦୦.୦୦ |
| | | ଭୋଇପୁରା | ବାଲି | ୨୧୭ | ୬୨୩<br>୬୨୪ | | ୭.୯୪<br>୬.୩୨ | | | | | |
| ୫ | ସିନ୍ଦୁରବାହାଲ ବାଲିଘାଟ | ସିନ୍ଦୁରବାହାଲ | ବାଲି | ୩୬୪ | ୪୧୭<br>୮୯୯ | | ୧୯.୦୮<br>୨୮.୧୬ | ୨୦୦୦.୦୦ | ୩୫.୦୦ | ୪.୦୦ | ୪୦୦୦.୦୦ | ୮୦୦୦୦.୦୦ |
| ୬ | ଖଣ୍ଡଗାଲି ଲରମ୍ବା ଝାଇଝୋର ବାଲିଘାଟ | ଲରମ୍ବା<br>ଖଣ୍ଡଗାଲି | ବାଲି<br>ବାଲି | ୯୫୩<br>୨୮ | ୧୩୨୬<br>୦୧<br>୮୯ | | ୧୩.୨୫<br>୬.୮୮<br>୧୩.୦୪ | ୨୦୦୦.୦୦ | ୩୫.୦୦ | ୪.୦୦ | ୪୦୦୦.୦୦ | ୮୦୦୦୦.୦୦ |
| ୭ | କାଦୋବାହାଲ ବାଲିଘାଟ | କାଦୋବାହାଲ | ବାଲି | ୩୮୩ | ୧୧୩୦<br>୧୧୩୦/୧୫୨୬ | | ୧୮.୩୬<br>୧୩.୭୭ | ୨୦୦୦.୦୦ | ୩୫.୦୦ | ୪.୦୦ | ୪୦୦୦.୦୦ | ୮୦୦୦୦.୦୦ |